# ପ୍ରେମଜୀ ରତନସେ ଶାହା ଏବଂ ଅନ୍ୟମାନେ

# ବନାମ

# ଭାରତ ସଂଘ ଏବଂ ଅନ୍ୟମାନେ

# ଜୁଲାଇ 22, 1994

**[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]**

*ବିନିର୍ଦ୍ଦିଷ୍ଟ ପ୍ରତିକାର ଅଧିନିୟମ, 1963:ଧାରା 41 (j) ନିଷେଧାଦେଶ - ପ୍ରଦାନ - ଏହା ଏକ ବିବେକାଧୀନ ଏବଂ ସାମ୍ୟ ପ୍ରତିକାର ଅଟେ କି ନାହିଁ— ବାଦୀଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଥିବା ଆବଶ୍ୟକ - ଅସ୍ତିତ୍ୱରେ ନଥିବା ଅଧିକାରକୁ ନିଷେଧାଦେଶ ଦ୍ୱାରା ସୁରକ୍ଷା ଦିଆଯାଇପାରିବ ନାହିଁ- ପ୍ରକୃତ ମାଲିକଙ୍କ ବିରୁଦ୍ଧରେ କିମ୍ବା ଜଣେ ଅନଧିକାର ପ୍ରବେଶକାରୀଙ୍କ ସପକ୍ଷରେ ନିଷେଧାଦେଶ ଜାରି କରାଯାଇପାରିବ ନାହିଁ।*

ରେଳବାଇ ପାଇଁ କେତେକ ଜମି ଅଧିଗ୍ରହଣ କରାଯାଇଥିଲା । ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇଥିଲା ଏବଂ ଜମିର ଦଖଲ ମଧ୍ୟ ରେଳବାଇକୁ ହସ୍ତାନ୍ତର କରାଯାଇଥିଲା । ଏହି ଅଧିଗ୍ରହଣ ପ୍ରକ୍ରିୟା ଫଳରେ ମୂଳ ଜମି ମାଲିକମାନଙ୍କୁ ସେମାନଙ୍କର ମାଲିକାନା ସ୍ୱତ୍ୱ ଅଧିକାରରୁ ବଞ୍ଚିତ କରାଯାଇଥିଲା ଏବଂ ଅଧିଗୃହୀତ ଜମିର ମାଲିକାନା ସ୍ୱତ୍ୱକୁ ହସ୍ତାନ୍ତର କରିବା ପାଇଁ ସେମାନଙ୍କର କୌଣସି ସ୍ୱାର୍ଥ ବା ଅଧିକାର ନଥିଲା । ତେବେ, ଆବେଦନକାରୀମାନେ ଏକ ଘୋଷଣାମୂଳକ ମକଦ୍ଦମା ଦାୟର କରିଥିଲେ କି ସେମାନେ ପ୍ରତିବାଦୀ ସଂଖ୍ୟା 3 ଏବଂ 4 ଙ୍କର କେତେକ ଜମିର ଉତ୍ତରାଧିକାରୀ ଥିଲେ ଏବଂ ସେମାନଙ୍କ ଦଖଲରେ ହସ୍ତକ୍ଷେପ ନ କରିବା ପାଇଁ ନିଷେଧାଦେଶ ପ୍ରାର୍ଥନା କରିଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ ପ୍ରତିବାଦୀ ସଂଖ୍ୟା 3 ଏବଂ 4, 1966 ମସିହା ଅଗଷ୍ଟ 21 ତାରିଖର ଏକ ବିକ୍ରୟ କବଲା ଜରିଆରେ ମୂଳ ଜମି ମାଲିକଙ୍କଠାରୁ ଜମି କ୍ରୟ କରିଥିଲେ ଏବଂ 1973 ମସିହା ଜାନୁଆରୀ 21 ତାରିଖରେ ଉକ୍ତ ପ୍ରତିବାଦୀମାନେ ଆବେଦନକାରୀମାନଙ୍କ ସହ ଏକ ବିକ୍ରୟ ଚୁକ୍ତି କରିଥିଲେ ଏବଂ ଜମିର ଦଖଲ ମଧ୍ୟ ସେମାନଙ୍କୁ ହସ୍ତାନ୍ତର କରିଥିଲେ ।

ବିଚାରଣ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ଆବେଦନକାରୀମାନେ ଜମି ଦଖଲରେ ଥିଲେ, ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ଜଣେ ଏକକ ନ୍ୟାୟମୂର୍ତ୍ତି ଆବେଦନକାରୀମାନଙ୍କ ମକଦ୍ଦମାକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠ ମଧ୍ୟ

ଆବେଦନକାରୀମାନଙ୍କ ଅପିଲକୁ ଖାରଜ କରି ଏହା ନିର୍ଣ୍ଣୟ ନେଇଥିଲେ ଯେ ଦଖଲ ରେଳବାଇକୁ ହସ୍ତାନ୍ତର କରାଯାଇଥିଲା ଏବଂ ରେଳବାଇ ଜମିର ଦଖଲରେ ରହି ଆସିଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ବିରୁଦ୍ଧରେ ଏହି ନ୍ୟାୟାଳୟରେ ବିଶେଷ ଅନୁମତି ଆବେଦନ ଦାୟର କରାଯାଇଥିଲା ।

ଏହି ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ:

**1.** ନିଷେଧାଦେଶର ଏକ ଆଦେଶ ଜାରି କରିବା ସମ୍ପୂର୍ଣ୍ଣ ରୂପେ ଏକ ବିବେକାଧୀନ ଏବଂ ସାମ୍ୟ ପ୍ରତିକାର । ଏକ ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ, ମାଲିକ କିମ୍ବା ଆଇନଗତ ଦଖଲରେ ଥିବା ବ୍ୟକ୍ତିଙ୍କ ଦଖଲକୁ ସୁରକ୍ଷା ଦେବା ପାଇଁ ନିଷେଧାଦେଶ ଦିଆଯାଇପାରେ । କେବଳ ମାଗିବା ମାତ୍ରେ ଏପରି ପ୍ରତିକାର ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ । ବିନିର୍ଦ୍ଦିଷ୍ଟ ପ୍ରତିକାର ଅଧିନିୟମ, **1963** ର ଧାରା **41 (j)** ଅଧୀନରେ ନିଷେଧାଦେଶ ଏକ ବ୍ୟକ୍ତିଗତ ଅଧିକାର ଅଟେ; ଏହି ବିଷୟରେ ବାଦୀଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଥିବା ଆବଶ୍ୟକ । ଯେଉଁ ସ୍ୱାର୍ଥ ବା ଅଧିକାରର ଅସ୍ତିତ୍ୱ ପ୍ରମାଣିତ ହୋଇନାହିଁ, ତାହାକୁ ନିଷେଧାଦେଶ ଦ୍ୱାରା ସୁରକ୍ଷା ଦିଆଯାଇପାରିବ ନାହିଁ । **[120-F-G]**

**2.** ଏହା ମଧ୍ୟ ଏକ ସ୍ଥିରୀକୃତ ଆଇନ ଯେ ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ଜାରି କରାଯାଇପାରିବ ନାହିଁ । ତେଣୁ, ନିମ୍ନ ଅଦାଲତଗୁଡ଼ିକ ଆବେଦନକାରୀମାନଙ୍କ ସପକ୍ଷରେ ଘୋଷଣା ଏବଂ ନିଷେଧାଦେଶ ପ୍ରତିକାରକୁ ସଠିକ୍ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି, ଯେଉଁମାନଙ୍କର ସମ୍ପତ୍ତିରେ କୌଣସି ସ୍ୱାର୍ଥ ନାହିଁ । ଯଦି ସେମାନଙ୍କର କୌଣସି ଦଖଲ ଥାଏ ବୋଲି ଧରି ନିଆଯାଏ, ତେବେ ମଧ୍ୟ ସେମାନଙ୍କ ଦଖଲ ସମ୍ପୂର୍ଣ୍ଣ ରୂପେ ଜଣେ ଅନଧିକାର ପ୍ରବେଶକାରୀଙ୍କ ବେଆଇନ ଦଖଲ ଅଟେ ଏବଂ ଜଣେ ମାଲିକଙ୍କ ବିରୁଦ୍ଧରେ ଅନଧିକାର ପ୍ରବେଶକାରୀ କିମ୍ବା ବେଆଇନ ଦଖଲ ହାସଲ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଷେଧାଦେଶ ଜାରି କରାଯାଇପାରିବ ନାହିଁ । ଜମିର ଚିହ୍ନଟ ସମ୍ପର୍କିତ ବିବାଦର ଆଳ ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ଦାବି କରିବାର ଏକ ବାହାନା ହେବା ଉଚିତ ନୁହେଁ । ଏହି ପରିପ୍ରେକ୍ଷୀରେ, ନିମ୍ନ ଅଦାଲତର ରାୟ ଏବଂ ଡିକ୍ରିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ । **[120- G-H; 121- A-B]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ବିଶେଷ ଅନୁମତି ଆବେଦନ ସଂଖ୍ୟା 10792/1994 ।

ଅପିଲ ସଂଖ୍ୟା 457/1992 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 3.1.94 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଆବେଦନକାରୀମାନଙ୍କ ତରଫରୁ ଅଶୋକ ଏଚ୍. ଦେଶାଇ, ପି. ଏଚ୍. ପାରେଖ, କେ. ଭି. ଶାହା, ଟକ୍କର୍ ଏବଂ ଏସ୍. ଉଦୟ ସାଙ୍ଗଲ୍ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଉଭୟ ନିମ୍ନ ଅଦାଲତରେ ବିଫଳ ହୋଇଥିବା ବାଦୀମାନେ ହେଉଛନ୍ତି ଆବେଦନକାରୀ । ସେମାନଙ୍କର ଘୋଷଣାମୂଳକ ମକଦ୍ଦମା ଯେଉଁଥିରେ ଅପିଲକାରୀମାନେ ପ୍ରତିବାଦୀ ସଂଖ୍ୟା 3 ଏବଂ 4, ଯଥା ସୁଲେ ଏବଂ ଠକ୍କର, ଯେଉଁମାନେ ଏହାର ମାଲିକ ବୋଲି କୁହାଯାଉଥିଲା, ସେମାନଙ୍କର କେତେକ ଜମିର ଉତ୍ତରାଧିକାରୀ ଅଟନ୍ତି ବୋଲି ଦାବି କରିଥିଲେ (ଯାହା କିରୋଲର ସର୍ଭେ ସଂଖ୍ୟା 103A/pt ରେ 33 ଏକର 2 ଗୁଣ୍ଠ ପରିମିତ ଜମିର ଏକ ଅଂଶ ଥିଲା) ଏବଂ ସେମାନଙ୍କ ଦଖଲରେ ହସ୍ତକ୍ଷେପ ନ କରିବା ପାଇଁ ନିଷେଧାଦେଶ ଆଦି ପ୍ରାର୍ଥନା କରିଥିଲେ, ତାହା ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ମୂଳ ପକ୍ଷରେ ବିଚାର କରୁଥିବା ଜଣେ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଖାରଜ କରାଯାଇଥିଲା । ସେହି ନ୍ୟାୟାଳୟର ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠ 1994 ମସିହା ଜାନୁଆରୀ 31 ତାରିଖର ଆକ୍ଷେପିତ ରାୟ ଏବଂ ଡିକ୍ରି ଦ୍ୱାରା ଆବେଦନକାରୀଙ୍କ ଅପିଲ ସଂଖ୍ୟା 557/92 କୁ ଖାରଜ କରିଦେଇଥିଲେ । ଏହି ତଥ୍ୟ ବିବାଦୀୟ ନୁହେଁ ଯେ, ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1) ଅଧୀନରେ ଏକ ଅଧିସୂଚନା ପ୍ରଥମେ 1959 ମସିହା ମେ 4 ତାରିଖରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଧାରା 17 ଅଧୀନରେ ଥିବା ଜରୁରୀକାଳୀନ ବ୍ୟବସ୍ଥା ପ୍ରୟୋଗ କରି ସର୍ଭେ ସଂଖ୍ୟା 103A ରେ ଥିବା 48.26 ଏକର ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଧାରା 5-A ଅଧୀନରେ ଥିବା ତଦନ୍ତକୁ ପ୍ରତ୍ୟାହାର କରି ନିଆଯାଇଥିଲା । ଏହା ପରେ ଧାରା 6 ଅଧୀନରେ ଏକ ଘୋଷଣାନାମା ପ୍ରକାଶିତ ହୋଇଥିଲା । ତା'ପରେ, ସର୍ଭେ ସଂଖ୍ୟା 228 ରେ କୁର୍ଲାରେ ଅବସ୍ଥିତ 13 ଏକର ଏବଂ 33 ଗୁଣ୍ଠ ଜମି ଅଧିଗ୍ରହଣ କରି 1959 ମସିହା ମେ 28 ତାରିଖରେ ଅଧିନିୟମର ଧାରା 4 (1) ଅଧୀନରେ ଅନ୍ୟ ଏକ ଅଧିସୂଚନା ଜାରି କରାଯାଇଥିଲା । ଯେତେବେଳେ 1960 ମସିହା ମେ 24 ତାରିଖରେ ରେଳବାଇକୁ ଦଖଲ ହସ୍ତାନ୍ତର କରାଗଲା, ସେତେବେଳେ ଏହା ଜାଣିବାକୁ ମିଳିଲା ଯେ ସେମାନେ ସର୍ଭେ ସଂଖ୍ୟା 103A ରେ ଅତିରିକ୍ତ 12 ଏକର 12 ଗୁଣ୍ଠ ଜମିର ଦଖଲ ପାଇଥିଲେ । ତେଣୁ, 13 ଜୁଲାଇ, 1965 ରେ ଧାରା 4 (1) ଅଧୀନରେ ତୃତୀୟ ଅଧିସୂଚନା ପ୍ରକାଶିତ ହୋଇଥିଲା ଏବଂ ଧାରା 5-A ଅଧୀନରେ ତଦନ୍ତ କରାଯାଇଥିଲା ଏବଂ ଧାରା 6 ର ଘୋଷଣାନାମା କରାଯାଇଥିଲା । ପ୍ରଥମ ଦୁଇଟି ଅଧିସୂଚନାରେ ଅନ୍ତର୍ଭୁକ୍ତ ଜମି ପାଇଁ 30 ଜୁଲାଇ, 1966 ରେ ଅଧିନିର୍ଣ୍ଣୟ ପ୍ରଦାନ

କରାଯାଇଥିଲା ଏବଂ ତୃତୀୟ ଅଧିସୂଚନାରେ ଅନ୍ତର୍ଭୁକ୍ତ ଜମି ପାଇଁ 26 ମେ, 1968 ରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । ଏହିପରି ଭାବେ, ଏହି ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇଥିଲା । ପୂର୍ବରୁ କୁହାଯାଇଥିବା ପରି, ଦଖଲ ପୂର୍ବରୁ ନିଆଯାଇଥିଲା ଏବଂ 24 ଫେବୃଆରୀ, 1960 ରେ ରେଳବାଇକୁ ହସ୍ତାନ୍ତର କରାଯାଇଥିଲା । ପରିଣାମସ୍ୱରୂପ, ମୂଳ ମାଲିକ ଶ୍ରୀମତୀ ମାଇବାଇ ଓରଫ ଜମନାବାଇ ତାଙ୍କର ସ୍ୱତ୍ୱରୁ ବଞ୍ଚିତ ହୋଇଥିଲେ ଏବଂ ଜମିର କିଛି ଅଂଶକୁ ହସ୍ତାନ୍ତର କରିବା ପାଇଁ ତାଙ୍କର କୌଣସି ଅଧିକାର ନଥିଲା, ଯାହାକୁ ତୃତୀୟ ଏବଂ ଚତୁର୍ଥ ପ୍ରତିବାଦୀ 21 ଅଗଷ୍ଟ, 1966 ରେ ଏକ ବିକ୍ରୟ କବଲା ଜରିଆରେ କ୍ରୟ କରିଥିବା ଦାବି କରିଥିଲେ, କାରଣ ସେତେବେଳକୁ ଏହା ସମସ୍ତ ବାଧାମୁକ୍ତ ହୋଇ ରେଳବାଇ ନିକଟରେ ନ୍ୟସ୍ତ ହୋଇସାରିଥିଲା । ଏହା ଦ୍ୱାରା, କ୍ରେତାମାନେ ବିକ୍ରୟ କବଲା ଅନୁଯାୟୀ ସେହି ଜମିରେ କୌଣସି ଅଧିକାର, ସ୍ୱତ୍ୱ କିମ୍ବା ସ୍ୱାର୍ଥ ପାଇନଥିଲେ ଯାହା ସେମାନଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ନିକଟକୁ ଯାଇଥିଲା ।

ଆବେଦନକାରୀମାନଙ୍କ ଯୁକ୍ତି ଅନୁଯାୟୀ, ପ୍ରତିବାଦୀ ସଂଖ୍ୟା 3 ଏବଂ 4 ଯଥା ସୁଲେ ଏବଂ ଠକ୍କର, 21 ଜାନୁଆରୀ, 1973 ରେ ଆବେଦନକାରୀମାନଙ୍କ ସହ ଏକ ବିକ୍ରୟ ଚୁକ୍ତି କରିଥିଲେ ଏବଂ କ୍ଷମତାପତ୍ର ଇତ୍ୟାଦି ସହ 12 ଏକର ଏବଂ 12 ଗୁଣ୍ଠ ପର୍ଯ୍ୟନ୍ତ ଜମିର ଦଖଲ ପ୍ରଦାନ କରିଥିଲେ । ପୂର୍ବରୁ କୁହାଯାଇଥିବା ପରି, ଦଖଲ ପୂର୍ବରୁ ରେଳବାଇ ଦ୍ୱାରା ନିଆଯାଇସାରିଥିଲା । ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ପରେ, ପ୍ରତିବାଦୀ ସଂଖ୍ୟା 3 ଏବଂ 4 ସେମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା ଜମି ପାଇଁ ଆନୁପାତିକ କ୍ଷତିପୂରଣ ଦାବି କରି ଜମି ଅଧିଗ୍ରହଣ ଅଧିକାରୀଙ୍କ ନିକଟରେ ଏକ ଆବେଦନ କରିଥିଲେ । ଜମି ଅଧିଗ୍ରହଣ ଅଧିକାରୀ ଏହାକୁ ଗ୍ରହଣ କରିନଥିଲେ ମାତ୍ର ଧାରା 30 ଅଧୀନରେ ଦେୱାନୀ ଅଦାଲତକୁ ଏକ ବିଚାରାର୍ଥେ ପ୍ରେରଣ କରିଥିଲେ । ଧାରା 30 ଅଧୀନରେ ଉଚ୍ଚ ନ୍ୟାୟାଳୟଙ୍କୁ କରାଯାଇଥିବା ବିଚାରାର୍ଥେ ପ୍ରେରଣରେ, ପ୍ରତିବାଦୀ ସଂଖ୍ୟା 3 ଏବଂ 4 ଏକପାଖିଆ ରହିଯାଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା ଯେଉଁଥିରେ ଘୋଷଣା କରାଯାଇଥିଲା ଯେ ମାଇବାଇ ଓରଫ ଜମନାବାଇ ସମସ୍ତ କ୍ଷତିପୂରଣ ପାଇବାକୁ ହକଦାର । ଏହି ଅଧିନିର୍ଣ୍ଣୟ ମଧ୍ୟ ଚୂଡ଼ାନ୍ତ ହୋଇଥିଲା, ଯଦିଓ ଆବେଦନକାରୀମାନେ ପରବର୍ତ୍ତୀ ସମୟରେ ବାଦୀମାନେ ସୁଲେ ଏବଂ ଠକ୍କରଙ୍କଠାରୁ କ୍ରୟ କରିଥିବା 33 ଏକର ଏବଂ 2 ଗୁଣ୍ଠ ଜମିର ସ୍ୱତ୍ୱାଧିକାରୀ ବୋଲି ଘୋଷଣା କରିବା ପ୍ରତିକାରକୁ ଛାଡ଼ି ଦେଇଥିଲେ, ତଥାପି 13 ଜୁଲାଇ, 1966 ଏବଂ 26 ମେ, 1968 ତାରିଖର ଅଧିନିର୍ଣ୍ଣୟ ଅନୁଯାୟୀ 60 ଏକର 38 ଗୁଣ୍ଠ ଜମିର ଅଧିଗ୍ରହଣକୁ ବେଆଇନ, *ଅକାମୀ ଏବଂ ଅସିଦ୍ଧ* ବୋଲି ଘୋଷଣା କରିବା ପାଇଁ ଏବଂ ନିଷେଧାଦେଶ ପ୍ରଦାନ କରିବା ପାଇଁ ଦାବି କରିଥିଲେ ।

ଏହା ସତ୍ୟ ଯେ ବିଚାରଣ ଅଦାଲତର ବିଚାରପତି ଏକ ଅନୁସନ୍ଧାନ ଲିପିବଦ୍ଧ କରିଥିଲେ ଯେ ଅପିଲକାରୀମାନେ ଜମି ଦଖଲରେ ଥିଲେ ଏବଂ ସେମାନଙ୍କୁ ଦଖଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଶେଷରେ ଏକକ ନ୍ୟାୟମୂର୍ତ୍ତି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଅପିଲରେ, ଖଣ୍ଡପୀଠ ପାଇଲେ ଯେ ଦଖଲ ରେଳବାଇକୁ ହସ୍ତାନ୍ତର କରାଯାଇଥିଲା ଏବଂ ରେଳବାଇ ଦଖଲରେ ଜମି ରହିଆସିଥିଲା । ଆବେଦନକାରୀମାନଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଅଶୋକ ଦେଶାଇ ଯୁକ୍ତି କରିଥିଲେ ଯେ ଜମିର ଚିହ୍ନଟକୁ ନେଇ ବିବାଦ ରହିଥିଲା । ଆବେଦନକାରୀମାନଙ୍କ ଜମି ଅଧିଗ୍ରହଣର ବିଷୟବସ୍ତୁ ନଥିଲା ଏବଂ ସେଥିପାଇଁ, ଯେତେବେଳେ ବିଜ୍ଞ ବିଚାରଣ ଅଦାଲତର ବିଚାରପତି ପାଇଥିଲେ ଯେ ଜମିର ଦଖଲ ଆବେଦନକାରୀମାନଙ୍କ ପାଖରେ ଅଛି, ସେତେବେଳେ ଖଣ୍ଡପୀଠ ଆବେଦନକାରୀମାନେ ଘୋଷଣାନାମା କିମ୍ବା ନିଷେଧାଦେଶ ପାଇବାକୁ ହକଦାର ନଥିଲେ ବୋଲି କହି ତ୍ରୁଟି କରିଥିଲେ । ବିଚାରଣ ଅଦାଲତଙ୍କ ଅନୁସନ୍ଧାନ ଅନୁଯାୟୀ ଆବେଦନକାରୀମାନେ ଦଖଲରେ ଥିଲେ, ତେଣୁ ଯେପର୍ଯ୍ୟନ୍ତ ସେମାନଙ୍କୁ ଆଇନଗତ ଭାବେ ବେଦଖଲ କରାଯାଇ ନାହିଁ, ସେମାନଙ୍କ ଦଖଲରେ କୌଣସି ହସ୍ତକ୍ଷେପ ଆବଶ୍ୟକ ନଥିଲା ଏବଂ ସେଥିପାଇଁ, ସେମାନେ ପ୍ରାର୍ଥିତ ନିଷେଧାଦେଶ ପାଇବାକୁ ହକଦାର । ଆମେ ଏହି ଯୁକ୍ତିରେ କୌଣସି ସାରବତ୍ତା ପାଉନାହୁଁ ।

ଏହା ଦେଖାଯାଉଛି ଯେ ମକଦ୍ଦମାଟି ମୂଳତଃ ଏପରି ଭାବେ ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ସେମାନେ ଜମି ସମ୍ବନ୍ଧରେ କରାଯାଇଥିବା ଅଧିନିର୍ଣ୍ଣୟକୁ ଅସିଦ୍ଧ, ଅକାର୍ଯ୍ୟକାରୀ ଏବଂ ଆବେଦନକାରୀମାନଙ୍କ ଉପରେ ବାଧ୍ୟତାମୂଳକ ନୁହେଁ ବୋଲି ଏକ ଘୋଷଣାନାମା ପାଇବାକୁ ଚାହିଁଥିଲେ । କିନ୍ତୁ ସେହି ପ୍ରତିକାରକୁ ଛାଡ଼ି ଦିଆଯାଇଥିଲା । ଏହା ଦ୍ୱାରା, ରେଳବାଇର ଜମି ସ୍ୱତ୍ୱକୁ ନେଇ ପ୍ରଶ୍ନ କରାଯାଇ ନାହିଁ । ଧାରା 30 ଅଧୀନରେ ହୋଇଥିବା ଅଧିନିର୍ଣ୍ଣୟ ସହିତ, ଆବେଦନକାରୀମାନଙ୍କ ବିକ୍ରେତାମାନେ ଅଧିନିୟମର ଧାରା 12 ଅଧୀନରେ ଉପରୋକ୍ତ ଅଧିନିର୍ଣ୍ଣୟ ଦ୍ୱାରା ନିଜକୁ ଆବଦ୍ଧ କରିଥିଲେ । ଏହା ମଧ୍ୟ ଦେଖାଯାଉଛି ଯେ ଉକ୍ତ ଦୁଇଟି ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା 24 ଫେବୃଆରୀ, 1960 ରେ ରେଳବାଇକୁ ଦଖଲ ପ୍ରଦାନ କରାଯାଇଥିଲା । ଏହିପରି ଭାବେ ମୂଳ ମାଲିକ ମାଇବାଇଙ୍କ ଠାରୁ ଅଧିଗୃହୀତ ଜମିରେ ପ୍ରତିବାଦୀ ସଂଖ୍ୟା 3 ଏବଂ 4 ଙ୍କର କୌଣସି ପ୍ରକାରର ଅଧିକାର, ସ୍ୱତ୍ୱ କିମ୍ବା ସ୍ୱାର୍ଥ ନଥିଲା । ଉକ୍ତ ବିକ୍ରୟ ଏକ ଅସିଦ୍ଧ ବିକ୍ରୟ ଅଟେ ଏବଂ ସେଥିପାଇଁ ଆବେଦନକାରୀମାନେ ଆଇନଗତ ମାଲିକଙ୍କ ଦଖଲକୁ ପ୍ରତିରୋଧ କରିବା ପାଇଁ ବିକ୍ରୟ ଚୁକ୍ତି ଅନୁଯାୟୀ କୌଣସି ସ୍ୱାର୍ଥ ହାସଲ କରିପାରିବେ ନାହିଁ କିମ୍ବା ପ୍ରାର୍ଥିତ ଘୋଷଣାନାମା ଦିଆଯାଇପାରିବ ନାହିଁ । ତେଣୁ, ପ୍ରଶ୍ନ

ଉଠୁଛି କି ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ଜାରି କରାଯାଇପାରିବ କି? ନିଷେଧାଦେଶର ଏକ ଆଦେଶ ଜାରି କରିବା ସମ୍ପୂର୍ଣ୍ଣ ରୂପେ ଏକ ବିବେକାଧୀନ ଏବଂ ସାମ୍ୟ ପ୍ରତିକାର ଅଟେ । ଏକ ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ, ମାଲିକ କିମ୍ବା ଆଇନଗତ ଦଖଲରେ ଥିବା ବ୍ୟକ୍ତିଙ୍କ ଦଖଲକୁ ସୁରକ୍ଷା ଦେବା ପାଇଁ ନିଷେଧାଦେଶ ଦିଆଯାଇପାରେ । କେବଳ ମାଗିବା ମାତ୍ରେ ଏପରି ପ୍ରତିକାର ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ । ବିନିର୍ଦ୍ଦିଷ୍ଟ ପ୍ରତିକାର ଅଧିନିୟମ, 1963 ର ଧାରା 41 (j) ଅଧୀନରେ ନିଷେଧାଦେଶ ଏକ ବ୍ୟକ୍ତିଗତ ଅଧିକାର; ଏହି ବିଷୟରେ ବାଦୀଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଥିବା ଆବଶ୍ୟକ । ଯେଉଁ ସ୍ୱାର୍ଥ ବା ଅଧିକାରର ଅସ୍ତିତ୍ୱ ପ୍ରମାଣିତ ହୋଇନାହିଁ, ତାହାକୁ ନିଷେଧାଦେଶ ଦ୍ୱାରା ସୁରକ୍ଷା ଦିଆଯାଇପାରିବ ନାହିଁ ।

ଏହା ମଧ୍ୟ ଏକ ସ୍ଥିରୀକୃତ ଆଇନ ଯେ ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ଜାରି କରାଯାଇପାରିବ ନାହିଁ । ତେଣୁ, ନିମ୍ନ ଅଦାଲତଗୁଡ଼ିକ ଆବେଦନକାରୀମାନଙ୍କ ସପକ୍ଷରେ ଘୋଷଣାନାମା ଏବଂ ନିଷେଧାଦେଶ ପ୍ରତିକାରକୁ ସଠିକ୍ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଯେଉଁମାନଙ୍କର ସମ୍ପତ୍ତିରେ କୌଣସି ସ୍ୱାର୍ଥ ନାହିଁ । ଯଦି ସେମାନଙ୍କର କୌଣସି ଦଖଲ ଥାଏ ବୋଲି ଧରି ନିଆଯାଏ, ତେବେ ମଧ୍ୟ ସେମାନଙ୍କ ଦଖଲ ସମ୍ପୂର୍ଣ୍ଣ ରୂପେ ଜଣେ ଅନଧିକାର ପ୍ରବେଶକାରୀଙ୍କ ବେଆଇନ ଦଖଲ ଅଟେ ଏବଂ ଜଣେ ମାଲିକଙ୍କ ବିରୁଦ୍ଧରେ ଅନଧିକାର ପ୍ରବେଶକାରୀ କିମ୍ବା ବେଆଇନ ଦଖଲ ହାସଲ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଷେଧାଦେଶ ଜାରି କରାଯାଇପାରିବ ନାହିଁ । ଜମିର ଚିହ୍ନଟ ସମ୍ପର୍କିତ ବିବାଦର ଆଳ ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ଦାବି କରିବାର ଏକ ବାହାନା ହେବା ଉଚିତ ନୁହେଁ ।

ଏହି ପରିପ୍ରେକ୍ଷୀରେ, ଆମେ ନିମ୍ନ ଅଦାଲତଗୁଡ଼ିକର ରାୟ ଏବଂ ଡିକ୍ରିରେ ହସ୍ତକ୍ଷେପ କରିବାର କୌଣସି କାରଣ ପାଉନାହୁଁ । ଏହି ବିଶେଷ ଅନୁମତି ଆବେଦନଟିକୁ 30,000 ଟଙ୍କାର ଅନୁକରଣୀୟ ଖର୍ଚ୍ଚ ସହ ଖାରଜ କରାଯାଉଛି, ଯାହା ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସହାୟତା କମିଟିକୁ ପ୍ରଦେୟ ହେବ । ଯଦି ଆବେଦନକାରୀମାନେ ଦୁଇ ମାସ ମଧ୍ୟରେ ଏହି ଅର୍ଥ ପ୍ରଦାନ ନ କରନ୍ତି, ତେବେ ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସହାୟତା କମିଟି ଏହାକୁ କାର୍ଯ୍ୟକାରୀ କରି ଆଦାୟ କରିବାକୁ ଅଗ୍ରସର ହୋଇପାରିବେ ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**